କୁନ୍ତୀଙ୍କର ହସ୍ତିନା ପ୍ରବେଶ ଓ ଗାନ୍ଧାରୀକୁ ଅନ୍ଧପଟଳ ଛାଡିବାକୁ ଅନୁରୋଧ
ଶୁଣ ହୋ ଯୁଗଧର ବୋଲନ୍ତି ବ୍ରହ୍ମବେତ୍ତା
ଧୃତରାଷ୍ଟ ମନ୍ଦିରେ ବିଜେ କଲେକ କୋଇନ୍ତା । ୧ ।
ସଞ୍ଜୟ ଜଣାଇଲେ ଧୃତରାଷ୍ଟ ଅଗ୍ରତେ
ଚାରିପୁତ୍ର ଘେନି ବିଜେ କଲେ ଦେବୀ କୋନ୍ତେ । ୨ ।
ଶୁଣି ଉଠିଲେ ଗାନ୍ଧାରସେନର କୁମାରୀ
ଚାରିପୁତ୍ର ଘେନି କୋନ୍ତୀ ଗାନ୍ଧାରୀଙ୍କ ଚରଣେ ପଡି । ୩ । ସଂଖ୍ୟା
ଅନେକ କଲ୍ୟାଣ ବାଞ୍ଛନ୍ତି ଗାନ୍ଧାରସେନର କୁମାରୀ
ଅହେଓ ସୁଲକ୍ଷଣୀ ହୋଅ ଗୋ ବ୍ରତଚାରୀ । ୪ ।
ପୁତ୍ରନ୍ତ ଦେଖିଣ ସେ ଧୃତରାଷ୍ଟ ହରଷ
ଚାରି କୁମାରେ ପିତା ଚରଣେ ଆବେଶ । ୫ ।
ସଞ୍ଜୟେ କହିଲେ ଶୁଣ ଅନ୍ଧ ଧୃତରାଷ୍ଟ
ପଣ୍ଡୁର ତନୟେ ଦିଅ ତବ ପାଦ ପୃଷ୍ଠ । ୬ ।
ପୁତ୍ରେ କୋଳେ ବସାଇ ଅନ୍ଧ ରାଜନ
ଅନେକ ଉଷତ ହୋଅଇ ମନେ ମନ । ୭ ।
ପୁତ୍ରକୁ କୋଳେ ଧରି ଧୃତରାଷ୍ଟ ନୃପତି
ଗାନ୍ଧାରୀ ଚରଣେ ପ୍ରଳମ୍ବିତ ଦେବୀ କୋନ୍ତୀ । ୮ ।
କୁଶଳ ସମ୍ଭାଷଣ ହୋଇଲେ ବେନି ଜନ
ଗାନ୍ଧାରିକି ପ୍ରଳମ୍ବ କଲେ ଭୀମ ଯୁଝେଷ୍ଠି ନକୁଳ ଅର୍ଜୁନ । ୯ ।
କୋଇନ୍ତାୟେ ବୋଇଲେ ମା ଗୋ ୟେ କଥା କି ଯୋଗାଇ
କି- । ଅନ୍ଧ ପଟଳ ଗୋ ବାନ୍ଧିଲ ମହାମାୟି । ୧୦ ।
ଗାନ୍ଧାରୀ ବୋଇଲେ ମୋର ଯେସନେକ ସ୍ୱାମୀର ଯୋଗ
ମୁହିଂ ତାହାର ଭାରିଯା କରିବି ଟିକି ଭୋଗ? । ୧୧ ।
କୋଇନ୍ତାୟେ ବୋଇଲେ ଗୋ ନୁହଇ ୟେ ପଦ
ପୁଅ ଗୋଟିମାନଙ୍କର ଦେଖିବୁଟି ନା ସ- ଦ । ୧୨ ।
ଅନେକ ଦୁଖେ ଗୋ ଅରଜିଲୁ ପୁଅଙ୍କୁ
ୟେବେ ପ୍ରତିପାଳଣା କରିବୁଟିକି ୟେହାଙ୍କୁ । ୧୩ ।
ଗାନ୍ଧାରୀ ବୋଇଲେ ସମସ୍ତେ ମୋର ଦୁଷ୍ଟ
ଯାହା କର୍ମେ ଅର୍ଜି ଅଛଇଂ ଧୃତରାଷ୍ଟ । ୧୪ ।
ସ୍ୱାମୀର ଯେବେ ଦୃଶ୍ୟ ନାହିଂ ମୋର କିସ ଦୃଶ୍ୟ
ସ୍ୱାମୀ ଯେବେ ମୋହୋର ଅଦୃଶ୍ୟ ତେବେ ନାହିଂ ମୋହୋର ଦୃଶ୍ୟ । ୧୫ ।

-----------

୪ ।୨ ଅହେଓ-ଅହିଅ, ଅବିଧବା

ତୁ ମୋହୋର ମାତା ଗୋ ନ ବୋଲ ମୋତେ ଆନ
ମୋର କୁମରଙ୍କର ମାତା ଗୋ ସାର ଅଭିମାନ । ୧୬ ।
କାହାରି ବୋଲ ସେ ନ କଲା ଗାନ୍ଧାରୀ
ସୁଖେ ଅନ୍ଧ ପଟଳ ବାନ୍ଧିଲା ଧୃତରାଷ୍ଟ ମନୋହାରୀ । ୧୭ ।
ଦ୍ରିଯୋଧନ ଯୁଝେଷ୍ଠି ଭାଇ ୟେକମେଳେ
ପାଞ୍ଚ ଉତ୍ତର ଶତେ ଭ୍ରାଥ ଖେଳନ୍ତି କୁତୋହଳେ । ୧୮-୨୯୬୨ ।